Volume-18 (Issue-9), Bhubaneswar, District- Khordha, (Odisha)

Price Rs. 12.00 only per copy

SCOUT & GUIDE PATRIKA

ସ୍କାଉଟ୍/ଗାଇଡ୍ ପତ୍ରିକା

Sept.-2026



THE ODISHA STATE BHARAT SCOUTS & GUIDES

Unit-3, Bhubaneswar, District-Khordha

STATE ACTIVITIES



Awareness to make green earth



Service to Baristha Nagarika Tirth Yatra



Rendering Service during Rath Yatra, Puri



Service during Bahuda Yatra at Puri



Knotting Trg. to Flock Leaders



Knotting Trg. to Scout Masters



Demonstration on Rescue operation



Tree Plantation

ସୂଚୀପତ୍ର

- ରାଜ୍ୟ ମୁଖ୍ୟ କମିଶନରଙ୍କ କଲମରୁ
- ସଂପାଦକୀୟ
- ଜାତୀୟ କାର୍ଯ୍ୟକ୍ରମ
- ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ
- ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ
- Quiz

ଦିଗ୍‌ଦର୍ଶକ : **ଡଃ. କାଳି ପ୍ରସାଦ ମିଶ୍ର**

ମୁଖ୍ୟ ସଂପାଦକ:**ଶ୍ରୀ ଶରତ ଚନ୍ଦ୍ର ପାଇକରାୟ**

ସଂପାଦନା : **ଶ୍ରୀ ଭବାନୀ ପ୍ରସାଦ ମିଶ୍ର**

ପ୍ରକାଶକ : **ଶ୍ରୀ ମିହିର ରଂଜନ ପଟ୍ଟନାୟକ**

ସହଯୋଗ : ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ
କର୍ମଚାରୀ ବୃନ୍ଦ

September-2026
Vol-18, Issue-9




Food distribution in Flood area



Service to Baristha Nagarika Tirtha Yatra

Remember
You have your own life and if you want to be successful, if you want to be happy, it is you, who are to gain it for yourself.
-Baden Powell

Please renew your annual magazine subscription on payment of Rs.50/- at Dist. Education Office along with annual unit registration fees.



ରାଜ୍ୟ ମୁଖ୍ୟ କମିଶନରଙ୍କ କଲମରୁ...

ବିପଥଗାମୀ ମନୁଷ୍ୟର କ୍ରୁର ଅତ୍ୟାଚାରରେ ଧରଣୀରାଣୀ ବକ୍ଷରେ ସୃଷ୍ଟି ହେଉଛି ଅସନ୍ତୁଳିତ ପରିବେଶ। ଏହାର ପ୍ରତିକ୍ରିୟାରେ ବିଭିନ୍ନ ଋତୁରେ ଅଚାନକ ପରିବର୍ତ୍ତନ ଦେଖାଦେଉଛି। ଗ୍ରୀଷ୍ମଋତୁରେ ବାଦଲଫଟା ବର୍ଷା, ବର୍ଷାଋତୁରେ ଅନାବୃଷ୍ଟି ପରିଲକ୍ଷିତ ହେଉଛି। ଏହି ବିଭ୍ରାନ୍ତିକାରୀ ପରିସ୍ଥିତିକୁ ଏଡ଼ାଇବା ପାଇଁ ଭାରତ ସ୍କାଉଟସ୍ ଗାଇଡ଼ ସଂସ୍ଥାର ସଦସ୍ୟମାନେ ଅର୍ଥାତ କବ୍ ବୁଲ୍‌ବୁଲ୍, ସ୍କାଉଟ୍ ଗାଇଡ୍, ରୋଭର ରେଂଜର ଏବଂ ଲିଡ଼ରମାନେ ନିଜ ନିଜ ଜିଲ୍ଲାରେ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଖାଦ୍ୟବଣ୍ଟନ, ଜରିପାଲ ପ୍ରଦାନ ତଥା ପାନୀୟ ଜଳର ସୁବିଧା କରାଇଛନ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇ ଅଭିଯାନ, ଅପରେସନ୍ ସିନ୍ଦୂରର ସଫଳତାରେ ଭାରତୀୟ ସେନାର ଶୌର୍ଯ୍ୟ ଓ ପରାକ୍ରମ ପାଇଁ ଆଜି ଦେଶବାସୀ ଗର୍ବିତ। ଭାରତୀୟଙ୍କ ସୁରକ୍ଷା ପାଇଁ ସେନାବାହିନୀର ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ତ୍ରିରଙ୍ଗା ପତାକାର ଶୋଭାଯାତ୍ରା କରିଛନ୍ତି। ଗାନ୍ଧିବାଦୀ ରାଷ୍ଟ୍ରରେ ସ୍ୱାଧୀନତା ଦିବସ ପାଳନ ଅବସରରେ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରି ଲୋକମାନଙ୍କର ଦେଶସେବା, ପରିଷ୍କାର ପରିଚ୍ଛନ୍ନତା ଓ ସୁସ୍ଥ ଜୀବନ ଯାପନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ରକ୍ଷାବନ୍ଧନ ମାଧ୍ୟମରେ ବିଶ୍ୱ ଭାତୃତ୍ୱ, ଭଗିନୀ ଭାବକୁ ବଜାୟ ରଖି ପରସ୍ପର ମଧ୍ୟରେ ସ୍ନେହ ସହନାନୁଭୂତି ପ୍ରଦର୍ଶନ ପୂର୍ବକ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର କୌଶଳକୁ ଜାରି ରଖିଛନ୍ତି। ପବିତ୍ର ସ୍କାର୍ଫ ଦିବସରେ ନିଜକୁ ନୟୋଜିତ କରି ପ୍ରତିଜ୍ଞାବଦ୍ଧ ହୋଇ ମାନବସେବାରେ ନିଜକୁ ଉତ୍ସର୍ଗ କରିବା ପାଇଁ ସ୍ୱର ଉତ୍ତୋଳନ କରିପାରିଛନ୍ତି। ଏହା ଭିତରେ ଗତିକରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମନରେ ଦେଶମାତୃକାର ଉତ୍ତରାଧିକାରୀକୁ ଏହି ସଂସ୍ଥାରେ ଯୋଗ ଦେବା ପାଇଁ ତାଲିମ ଶିବିରମାନ ଅନୁଷ୍ଠିତ କରାଯାଇଅଛି।

ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ଜନସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଶା ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଏକ ସପ୍ତାହ ବ୍ୟାପୀ ବନମହୋତ୍ସବ ସଫଳତାର ସହ ପାଳନ କରିଛନ୍ତି। ଅଭିଯାନର ଶେଷ ଦିନରେ "ଗୋଟିଏ ସ୍କାଉଟ୍, ଗୋଟିଏ ଗଛ" ବାର୍ତ୍ତା ବହନ କରି ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମସ୍ତ ସ୍କାଉଟ୍ ଗାଇଡ଼୍‌ମାନଙ୍କୁ ଧନ୍ୟବାଦ ଦେଉଛି। ଏତଦ୍ ବ୍ୟତୀତ ରଥଯାତ୍ରା ସେବା କ୍ଷେତ୍ରରେ ରୋଭର ରେଂଜରମାନଙ୍କର ଭକ୍ତମାନଙ୍କୁ ଅକୁଣ୍ଠନୀୟ ସେବା ପ୍ରଦାନ କରିବା ସଂଗେ ସଂଗେ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ବଡ଼ଦାଣ୍ଡ ଠାରୁ ସମୁଦ୍ରବେଳାଭୂମି ପର୍ଯ୍ୟନ୍ତ ସ୍ୱଚ୍ଛତା ଏବଂ ଅସହାୟ ଓ ଅଚେତ ବ୍ୟକ୍ତିମାନଙ୍କୁ ପ୍ରାଥମିକ ସେବା ଯୋଗାଇବା ଆଦି କାର୍ଯ୍ୟ ଯଥାର୍ଥରେ ପ୍ରଶଂସନୀୟ। ଜଗନ୍ନାଥଙ୍କ ଠାରେ ସେମାନଙ୍କର ଭବିଷ୍ୟତ କାମନା କରୁଛି।

ଡଃ. କାଳି ପ୍ରସାଦ ମିଶ୍ର



ସଂପାଦକୀୟ.....



ଶ୍ରୀ ଶରତ ଚନ୍ଦ୍ର ପାଇକରାୟ

ପରମାତ୍ମାଙ୍କ ସୃଷ୍ଟିରେ ବିଚିତ୍ର ଲୀଳ ଯୁଗ ଯୁଗ ଧରି ଚାଲିଛି। ତାଙ୍କର ଦୈବ୍ୟତ୍ୱ ଲୀଳା ମଧ୍ୟରୁ ଜନ୍ମ ନେଲେ ସୃଷ୍ଟିର ନାନାଦି ବସ୍ତୁ, ଜୀବ ଇତ୍ୟାଦି; ଯାହାକୁ ଆଜି ଆମେ ଦେଖୁଛେ। ବିଶ୍ୱର ଶ୍ରେଷ୍ଠ ଜୀବ ମନୁଷ୍ୟ ଯାହାକୁ ନେଇ ଆଧାର କରି ସମସ୍ତ କର୍ମ କରୁଛି। ଏଇ ପବିତ୍ର ବିଶ୍ୱ ଆଜି ଆନନ୍ଦରୁ ବିଷାଦ ଆଡ଼କୁ ଗତି କରୁଛି। ଜନତାଙ୍କର ଉତ୍ସୃଙ୍ଖଳତା ଓ ନେତୃତ୍ୱବୃନ୍ଦଙ୍କ କାର୍ଯ୍ୟ ହିଂସ୍ର ପଶୁଙ୍କ ଠାରୁ କମ୍ ନୁହେଁ। ପ୍ରକୃତି ସଂପୂର୍ଣ୍ଣ ଅଶାନ୍ତ। ଚଳିତ ବର୍ଷର ବର୍ଷା, ବନ୍ୟା, ସାମୁଦ୍ରିକ ଝଡ଼, ନେପାଳର ଭୂସ୍ଖଳନ ତଥା ମୃତ୍ୟୁ ଆମ୍ଭମାନଙ୍କୁ ଜଣାଇ ଦିଏ, ଏ ସୁନ୍ଦର ସଂସାରକୁ ଆମେ ମଣିଷମାନେ ରକ୍ଷା ନ କରିବା ଦ୍ୱାରା ଆମେ ତ ମରିବା, କିନ୍ତୁ ଆମ ଭବିଷ୍ୟ ଭିଲାମାନେ ବିନା ଦୋଷରେ ବଞ୍ଚିବାର ଅଧିକାର ହରାଇବେ।

ଏଥିରୁ ଉଦ୍ଧାର ହେବାର ଏକ ମାତ୍ର ଉପାୟ ଏ ସୃଷ୍ଟିକୁ ସୁସ୍ଥ ଏବଂ ସୁନ୍ଦର କରିବାକୁ ହେଲେ ଆଜି ଠାରୁ ଆମକୁ ବିଶେଷ କାର୍ଯ୍ୟ ଆରମ୍ଭ କରିବାକୁ ହେବ। ଯେପରି ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା, ଜୀବଜନ୍ତୁଙ୍କ ସୁରକ୍ଷା, ନିଶା ମାଦକ ଦ୍ରବ୍ୟ ଠାରୁ ଦୂରରେ ରହିବା, ଅପମିଶ୍ରିତ ଖାଦ୍ୟରୁ ନିବୃତ୍ତ ସହ ପିଲାମାନଙ୍କୁ ପାଠ ସହିତ ସଂସ୍କାର, ଦେବା, ଜୀବନ କୌଶଳ ଶିକ୍ଷାରେ ଅଭ୍ୟାସ କରିବା।

ସ୍କାଉଟ୍ ଗାଇଡ଼ ସଂସ୍ଥା ତରଫରୁ ପ୍ରତି ଜିଲ୍ଲାରେ "ବନ ମହୋତ୍ସବ ପାଳନ" ଅବସରରେ ବୃକ୍ଷରୋପଣ କରି ସବୁଜ ପୃଥିବୀ ସୃଷ୍ଟି କରିବା ସଂକଳ୍ପ ନେଇଛି। ସ୍କାଉଟ୍ ଗାଇଡ୍ ମାନେ ସ୍କୁଲ, କଲେଜ, ରାସ୍ତାପାର୍ଶ୍ୱ ଏବଂ ପଡ଼ିଆ ସ୍ଥାନମାନଙ୍କରେ ବୃକ୍ଷରୋପଣ କରିବା ସଂଗେ ସଂଗେ ପ୍ରତ୍ୟେକ ଗୋଟିଏ ଗଛ ଲଗାଇବା ପାଇଁ ଜନସଚେତନତା ସୃଷ୍ଟି କରିଥିଲେ। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ରୋଭର ରେଂଜରମାନଙ୍କର ଭକ୍ତ ଶ୍ରଦ୍ଧାଳୁ ମାନଙ୍କ ପ୍ରତି ସେବା ଯୋଗାଇବା, ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏବଂ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ଯଥାର୍ଥରେ ପ୍ରଣିଧାନଯୋଗ୍ୟ ହୋଇପାରିଛି। ବନ୍ୟା ସମୟରେ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ସ୍କାଉଟ୍, ଗାଇଡ୍, ସ୍କାଉଟ୍ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନ୍ ମାନଙ୍କର ସାହାଯ୍ୟ ସହଯୋଗ, ବିଶ୍ୱଶାନ୍ତି ଦିବସ ପାଳନ, ସ୍ୱାଧୀନତା ଦିବସ ପାଳନ, ସମୁଦ୍ରବେଳାଭୂମି ସଫେଇ ଇତ୍ୟାଦି କାର୍ଯ୍ୟ ସେମାନଙ୍କର ଆଦର୍ଶ ଜୀବନର ପରିପ୍ରକାଶ କରିଛି।

ଉପରୋକ୍ତ ବିଚାର ଆଧାର କରି ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ସଂଗଠନ ବିଭିନ୍ନ କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ପ୍ରାଥମିକ ଶିକ୍ଷା ଠାରୁ ମହାବିଦ୍ୟାଳୟର ଛାତଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରି ଆସୁଛି। ରାଜ୍ୟ ମୁଖ୍ୟ କମିଶନର ଡଃ କାଳି ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ, ରାଜ୍ୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ତାଲିମ ପ୍ରାପ୍ତ ହୋଇ ନିଜ ନିଜ କ୍ଷେତ୍ରରେ ନିରନ୍ତର ପ୍ରୟାସକୁ ଜାରି ରଖିଛନ୍ତି, ଯେଉଁସବୁକୁ ବୈଦ୍ୟୁତିକ ଗଣମାଧ୍ୟମରେ ସାରା ବିଶ୍ୱ ଉପଲବ୍ଧି କରୁଛନ୍ତି। ଅତୀତର କୃତି ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହେବାର ଗୌରବଲାଭ କରିଛି।

-ରାଜ୍ୟ ସଂପାଦକ

ଜାତୀୟ କାର୍ଯ୍ୟକ୍ରମ (National Activities)

National Youth Leadership Development Seminar



ଜାତୀୟ ଯୁବ ନେତୃତ୍ୱ ବିକାଶ ସେମିନାର ତା ୧୪.୬.୨୦୨୬ରୁ ତା୨୮.୬.୨୦୨୬ରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ଦାର୍ଜିଲିଂର କୁରସିଙ୍ଗ ଠାରେ ଥିବା ଜାତୀୟ ସାହସିକ ପ୍ରତିଷ୍ଠାନ (NAI) ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସେମିନାରରେ ଶ୍ରୀ ଗୁରୁଦିପ୍ କୌର-ସୁରକ୍ଷା ଶିକ୍ଷକ, ୧୩ ଜଣ ରୋଭର-ସତ୍ୟଜିତ ବେହେରା, ପ୍ରଶାନ୍ତ କୁମାର ସୁବୁଦ୍ଧି, ରବି ରଞ୍ଜନ ରଥ, ଅମରନାଥ ସାହୁ, ଭାସ୍କର ବଗର୍, ସଞ୍ଜିବ ପ୍ରଧାନ, ରାକେଶ କୁମାର ମଲ୍ଲିକ, କୀର୍ତ୍ତିକେତନ ଜେନା, ଚୌଧୂରୀ ରୋହିତ ମିଶ୍ର, ସୌମ୍ୟ ରଂଜନ ଜେନା, କଣ୍ଡୁ ପରିଜା, ଶିବାନନ୍ଦ ସାହୁ, ସଚିନ ବେହରା, ୩ ଜଣ ରେଂଜର-ବିଶ୍ୱରୂପା ଧଳ, ତେଜସ୍ୱିନୀ ପାହୀ, ଏକତା ମହାନ୍ତି ପ୍ରଭୃତି ଯୋଗ ଦେଇଥିଲେ। ଉକ୍ତ ସେମିନାରରେ ଅଂଶଗ୍ରହଣକାରୀମାନଙ୍କୁ ନେତୃତ୍ୱ ଦକ୍ଷତା, ଦାୟିତ୍ୱବୋଧ ଏବଂ ସମାଜ ସେବା ପ୍ରତି ପ୍ରତିବଦ୍ଧତା ବିକଶିତ କରିବା ତଥା ରାଷ୍ଟ୍ର ନିର୍ମାଣରେ ଯୁବ ନେତୃତ୍ୱର ଗୁରୁତ୍ୱ ଇତ୍ୟାଦି ବିଷୟ ଉପରେ ଆଲୋକପାତ କରାଯାଇଥିଲା।

Assistant Leader Trainers Course

କଲିକତା ସ୍ଥିତ ରାଜ୍ୟ ତାଲିମ କେନ୍ଦ୍ର ଗଙ୍ଗାନଗର ଠାରେ ତା୪.୬.୨୦୨୬ରୁ ତା୧୦.୬.୨୦୨୬ରିଖ ପର୍ଯ୍ୟନ୍ତ ସ୍କାଉଟ୍ ମାଷ୍ଟରମାନଙ୍କ ପାଇଁ "Assistant Leader Trainers Course" ଶିବିର ଅନୁଷ୍ଠିତ ହୋଇଥିଲା। ଆମ ରାଜ୍ୟର ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା-ରୋଭର ସ୍କାଉଟ୍ ଲିଡ଼ର ରାମଜୀ ଡ଼ିଗ୍ରୀ ମହାବିଦ୍ୟାଳୟ ଭୀମଗିରି ଗଞ୍ଜାମ ଅଂଶ ଗ୍ରହଣ କରିଥିବା ବେଳେ ଶ୍ରୀ ଅମ୍ବିକା ପ୍ରସାଦ ଦାସ-ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ୟୁନିଟ୍-୪ ଭୁବନେଶ୍ୱର ତାଲିମ ଦାତା ଭାବରେ ଯୋଗଦାନ କରିଥିଲେ।

SAANSO ରାଜ୍ୟ ମୁଖ୍ୟ କମିଶନର ସମ୍ମିଳନୀ



ତା୨୩ ଓ ୨୪ ଅଗଷ୍ଟ ୨୦୨୬ ରିଖ ଦୁଇ ଦିନିୟା SAANSO ମୁଖ୍ୟ କମିଶନର ସମ୍ମିଳନୀ ଜାତୀୟ ମୁଖ୍ୟାଳୟ ନୂଆଦିଲ୍ଲୀଠାରେ ଦକ୍ଷଣ ଏସିଆ ଜାତୀୟ ସ୍କାଉଟ ସଂଗଠନ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି ଦୁଇ ଦିନିଆ ସମ୍ମିଳନୀ ଦକ୍ଷିଣ ଏସିଆର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ କମିଶନରଙ୍କୁ ଏକତ୍ରିତ କରି ଆଞ୍ଚଳିକ ସହଯୋଗ, ବନ୍ଧୁତା ଏବଂ ସହଭାଗିତାକୁ ସୁଦୃଢ଼ କରିବା ଏବଂ ଏହି କ୍ଷେତ୍ରରେ

ସ୍କାଉଟିଂର ସହଭାଗୀ ପ୍ରାଥମିକତାକୁ ଆଗକୁ ବଢ଼ାଇବା ପାଇଁ ଅନୁଷ୍ଠିତ ହୋଇଛି । ଡଃ. କେ.କେ. ଖଣ୍ଡେଲୱାଲ, ଜାତୀୟ ମୁଖ୍ୟ କମିଶନରଙ୍କ ଅଧ୍ୟକ୍ଷତା ଓ ଦୂର ଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ସଂଗଠନ ପାଇଁ ଗର୍ବର ବିଷୟ । ବର୍ତ୍ତମାନ SAANSO ସଚିବାଳୟ ଭାବରେ ମଧ୍ୟ କାର୍ଯ୍ୟ କରୁଛି । ଯାହା ଭାରତ ସଂସ୍ଥାଗତ ନେତୃତ୍ୱ ଏବଂ ଆଞ୍ଚଳିକ ସ୍କାଉଟିଂରେ ଅବଦାନକୁ ଆହୁରି ମଜବୁତ କରୁଛି ।

ଉଦ୍‌ଘାଟନୀ ଉତ୍ସବରେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ ଏବଂ ଗାଇଡସ୍‌ର ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ର, ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ମୁଖ୍ୟ ଜାତୀୟ କମିଶନର ତଥା ଅବସରପ୍ରାପ୍ତ ଆଇଏଏସ ଡଃ. କେ.କେ. ଖଣ୍ଡେଲୱାଲ, ଶ୍ରୀ ଏମ.ଏ. ଖାଲିଦ୍, ଅତିରିକ୍ତ ମୁଖ୍ୟ ଜାତୀୟ କମିଶନର ଓ ମହାସଚିବ, ଶ୍ରୀ ମଧୁସୂଦନ ଆଭାଲା, ପରାମର୍ଶଦାତା ଜାତୀୟ ସ୍କାଉଟ ସଂଗଠନ ଏବଂ ବିଶ୍ୱ ସ୍କାଉଟ ଆନ୍ଦୋଳନ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

Capacity Building and Policy Implementation Workshop



ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ଜାତୀୟ କାର୍ଯ୍ୟାଳୟ ନିଉ ଦିଲ୍ଲୀ ଠାରେ ତା ୭ . ୯ . ୨ ୦ ୨ ୬ ରୁ ତା୧୦.୯.୨୦୨୬ରିଖ ପର୍ଯ୍ୟନ୍ତ National level Capacity Building and Policy Implementation Workshop ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ରାଜ୍ୟ ସଂସ୍ଥାର ଶ୍ରୀ ସୁରଜିତ ସେନ୍, ରାଜ୍ୟ ତାଲିମ କମିଶନର (ସ୍କାଉଟ୍) ଯୋଗଦାନ କରିଥିଲେ। ସ୍କାଉଟିଂ ଦକ୍ଷତା ନିର୍ମାଣ କରିବା, ସ୍କାଉଟିଂର ନୀତି ନିୟମ ଉପରେ ଆଲୋଚନା କରାଯାଇଥିଲା।

ଜାତୀୟ ରୋଭର ରେଂଜର ମୁଟ୍



ଜାତୀୟ ରୋଭର ରେଂଜର ମୁଟ୍ ତା୨୪ରୁ ୨୮ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ମର୍ଣ୍ଡ ନେଚର କ୍ୟାମ୍ପ ସାଇଟ୍, ଭିଲେଜ୍ ବୁରୀ, ପଞ୍ଚକୁଲା, ହରିଆନା ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମୁଟ୍‌ରେ ୫ଜଣ ରୋଭର ସୀମାଞ୍ଚଳ ମହାରାଣା, ଅଶୁମାନ ପୂରୀ, ଅଂଶୁମାନ ଆଚାର୍ଯ୍ୟ, ବିଶ୍ୱପ୍ରକାଶ ପଢ଼ିଆରୀ, ଆଶିର୍ବାଦ ବେହେରା ଏବଂ ୨ ଜଣ ରେଂଜର ଜୟଶ୍ରୀ ଜଳାଇ, ଯଶସ୍ୱୀ ମହାନ୍ତି ଯୋଗ ଦେଇଥିଲେ।

ଆଞ୍ଚଳିକ କାର୍ଯ୍ୟକ୍ରମ (Regional Activities)

National Level Personality Development Workshop



Ketti, ତାମିଲନାଡୁ ସଦର୍ଣ୍ଣ ରେଲୱେ ଠାରେ ତା ୧ ରୁ ୫ ଅଗଷ୍ଟ ୨୦୨୬ରିଖ ପର୍ଯ୍ୟନ୍ତ National Level Personality Development Workshop ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ SCS ମହାବିଦ୍ୟାଳୟ, ପୁରୀ, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭୁବନେଶ୍ୱର, ମଙ୍ଗଳା ମହାବିଦ୍ୟାଳୟ ପୁରୀ, ବେଗୁନିଆ ମହାବିଦ୍ୟାଳୟ ଖୋର୍ଦ୍ଧା, ସହୀଦ ଭଗତସିଂହ ଓପନ ସ୍କାଉଟ୍ ଟ୍ରୁପ୍ ନୂଆପଡ଼ାରୁ ରୋଭର-ଆଦର୍ଶ ପରିଡ଼ା, ସମ୍ବିତ ଦଳାଇ, ଏସ୍ ମହାପ୍ରସାଦ ସାମଲ, ସୌମ୍ୟ ରଂଜନ ରାଉତ, ରୋଭର ସ୍କାଉଟ୍ ଲିଡ଼ର ଅଚ୍ୟୁତାନନ୍ଦ ମହାନ୍ତି, ସ୍କାଉଟ୍ ମାଷ୍ଟର ରୋଶନ ପଣ୍ଡା, ରେଂଜର ଯଶ୍ୱୀ ମହାନ୍ତି, ବିଭୋରୀ ବୈଭବ ସାହୁ, ସୁନୀତା ବାହୁବଳିନ୍ଦ୍ର, ଆରିଶ ମହାନ୍ତି, ଶୁଭଲକ୍ଷ୍ମୀ ମହାନ୍ତି, ଲିଜା ବିଶ୍ୱାଳ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ନେତୃତ୍ୱକୁ ପ୍ରୋତ୍ସାହିତ କରିବା, ଦକ୍ଷତା ବୃଦ୍ଧି କରିବା ଏବଂ ସାମଗ୍ରିକ ବିକାଶକୁ ସହଜ କରିବା ସଂଗେ ସଂଗେ ଆତ୍ମବିଶ୍ୱାସ, ସକାରାତ୍ମକ ଚିନ୍ତାଧାରା ଏବଂ ବୃତ୍ତିଗତ ମାନସିକତା ବିକଶିତ କରିବାକୁ ଚେଷ୍ଟା କରେ।

National Level Tribal Scout Guide Rover Ranger Meet



St. Staenislous ଉଚ୍ଚ ବିଦ୍ୟାଳୟ କାଇମୋ ପାତ୍ରତୋଳି, ଲୋହାରଡାଗା, ଝାରଖଣ୍ଡ ଆନୁକୂଲ୍ୟରେ ଜାତୀୟ ସ୍ତରୀୟ ଆଦିବାସୀ ସ୍କାଉଟ୍ ଗାଇଡ୍ ରୋଭର ରେଂଜର ମିଟ୍ ଅଗଷ୍ଟ ୬ ରୁ ୮, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ ମିଟ୍‌ରେ ୨୪ ଜଣ ସ୍କାଉଟ୍, ଗାଇଡ୍ ସମେତ ସ୍କାଉଟ୍ ମାଷ୍ଟର ଶ୍ରୀ ଜନସନ୍ ଖାଖା, PM ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଗାଁ ସୁନ୍ଦରଗଡ଼, ଶ୍ରୀ ଧୃତି ସୁନ୍ଦର ସାହୁ PM ଶ୍ରୀ ସରକାରୀ CoE ଉଚ୍ଚ ବିଦ୍ୟାଳୟ କୁତ୍ରା ସୁନ୍ଦରଗଡ଼, ଗାଇଡ୍ କ୍ୟାପଟେନ୍ ଶ୍ରୀମତୀ ନୂତନ ହୋରୋ PM Shri BS ସରକାରୀ ଉଚ୍ଚ ବିଦ୍ୟାଳୟ କୁତ୍ରା ସୁନ୍ଦରଗଡ଼, ଶ୍ରୀମତୀ ମମତା ନାୟକ PM ଶ୍ରୀ ସରକାରୀ CoE ଉଚ୍ଚ ବିଦ୍ୟାଳୟ କୁତ୍ରା ସୁନ୍ଦରଗଡ ଏବଂ ୬ଜଣ ରୋଭର ରେଂଜର ଚିତ୍ରଡ଼ା ମହାବିଦ୍ୟାଳୟ, ମୟୂରଭଞ୍ଜ ଯୋଗ ଦେଇ ଗଣବ୍ୟାୟାମ ପ୍ରଦର୍ଶନୀ ଏବଂ ଲୋକନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ (State level Activities)

ଗାଇଡ୍ କ୍ୟାପଟେନ୍‌ମାନଙ୍କ ଆଡ଼ଭାନସଡ୍ ଶିବିର



ଓଡ଼ିଶା ରାଜ୍ୟ ମୁଖ୍ୟାଳୟରେ ତା୩.୭.୨୦୨୬ରୁ ତା୯.୭.୨୦୨୬ରିଖ ପର୍ଯ୍ୟନ୍ତ ଗାଇଡ୍ କ୍ୟାପଟେନ୍‌ମାନଙ୍କ ଆଡ଼ଭାନସଡ୍ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୬ ଜଣ ଗାଇଡ୍ କ୍ୟାପଟେନ୍ ଯୋଗ ଦେଇଥିଲେ। ରାଜ୍ୟ ମୁଖ୍ୟ କମିଶନର ଡଃ କାଳି ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ମୁଖ୍ୟ ଅତିଥି ଭାବେ ଏବଂ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଶିବିରାର୍ଥୀମାନଙ୍କୁ ଉକ୍ତ ତାଲିମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସଂପର୍କରେ ଦିଗ୍‌ଦର୍ଶନ ଦେଇଥିଲେ।

ବନ ମହୋତ୍ସବ ସପ୍ତାହ ପାଳନ



ସବୁଜ ପୃଥିବୀ ସୃଷ୍ଟି, ପରିବେଶ ସନ୍ତୁଳନ, ଦ୍ରୁତ ଜଙ୍ଗଲ କ୍ଷୟ ପ୍ରତିକାର ଉପରେ ଜନସଚେତନତା କରାଇବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ୍ ସଂସ୍ଥା ଦ୍ୱାରା ବନ ମହୋତ୍ସବ ଜୁଲାଇ ୧ ଠାରୁ ଆରମ୍ଭ କରାଯାଇଥିଲା। ଏହି ଅବସରରେ ସ୍କାଉଟ୍ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନ୍ ମାନେ ଯୋଗ ଦେଇ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ ସହିତ ରୋପିତ ଚାରା ସଂରକ୍ଷଣ କାର୍ଯ୍ୟ କରିଥିଲେ। ବ୍ୟାନର ଧରି ବୃକ୍ଷରୋପଣ କରିବା ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ।

ରଥଯାତ୍ରା ଜାତୀୟ ସେବା ଶିବିର



ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ସଂସ୍ଥା ଆନୁକୂଲ୍ୟରେ ଜାତୀୟ ରଥଯାତ୍ରା ସେବା ଶିବିର ତା୧୪.୭.୨୦୨୬ ରିଖ ଠାରୁ ତା୧୮.୭.୨୦୨୬ ରିଖ ପର୍ଯ୍ୟନ୍ତ ପୁରୀ

ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଆୟୋଜିତ ହୋଇଥିଲା। ଏହି ଶିବିରରେ ସେବା ପ୍ରଦାନ ପାଇଁ ଉତ୍ତରପ୍ରଦେଶ, ତେଲେଙ୍ଗାନା, ଜାମ୍ମୁକାଶ୍ମୀର, କର୍ଣ୍ଣାଟକ, ଝାରଖଣ୍ଡ, ରାଜସ୍ଥାନ, ନର୍ଦନ ରେଲୱେ, ନର୍ଥ ସେଂଟ୍ରାଲ୍ ରେଲୱେ, ସାଉଥ ସେଂଟ୍ରାଲ୍ ରେଲୱେ, ସାଉଥ ଇଷ୍ଟର୍ଣ୍ଣ ରେଲୱେ, ପଶ୍ଚିମବଙ୍ଗ, ଇଷ୍ଟ ସେଂଟ୍ରାଲ ରେଲୱେ, ଛତିଶଗଡ, ଇଷ୍ଟର୍ଣ୍ଣ ରେଲୱେ, ହରିୟାନା, ଓଡିଶା ଆଦି ରାଜ୍ୟରୁ ୬୭୦ ଜଣ ରୋଭର, ରେଞ୍ଜର, ରୋଭର ଲିଡର, ରେଞ୍ଜର ଲିଡର, ସ୍କାଉଟ, ଗାଇଡ, ସ୍କାଉଟ ମାଷ୍ଟର, ଓ ଗାଇଡ କ୍ୟାପଟେନ ଯୋଗ ଦେଇଥିଲେ।

ପୁରୀର ଟାଉନ୍ ହଲ୍ ପରିସରରେ ଓଡିଶାର ମାନ୍ୟବର ରାଜ୍ୟପାଳ ଏବଂ ମୁଖ୍ୟ ପୃଷ୍ଠପୋଷକ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଡଃ. ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନୀତ ଅତିଥିଭାବେ ଡଃ. ମୁକେଶ ମହାଲିଙ୍ଗ, ମାନ୍ୟବର ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସଂସଦୀୟ ମନ୍ତ୍ରଣାଳୟ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା; ଡଃ କାଳିପ୍ରସାଦ ମିଶ୍ର ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍; ଶ୍ରୀ ଗଣେଶ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ଆଇଏଏସ୍ ତଥା ଇଣ୍ଡିଆନ ରେଡକ୍ରସ୍ ସୋସାଇଟି, ଓଡିଶା ସମ୍ପାଦକ ତଥା ସେଂଟ୍ ଜୋନ୍ ଆମ୍ବୁଲାନ୍ସର ଭାରାପ୍ରାପ୍ତ ସଂପାଦକ; ପଦ୍ମଶ୍ରୀ ମିସ୍ ସାବରମତୀ, ଇଣ୍ଡିଆନ ରେଡକ୍ରସ୍ ସୋସାଇଟି, ଓଡିଶା ଶାଖାର ଉପସଭାପତି ଏବଂ ଶ୍ରୀଯୁକ୍ତ ସୁଧାଂଶୁ ଷଡ଼ଙ୍ଗୀ, ଆଇପିଏସ୍ ମହାନିର୍ଦ୍ଦେଶକ, ଅଗ୍ନିଶମ ଏବଂ ଜରୁରୀକାଳୀନ, ହୋମଗାର୍ଡ ଏବଂ ନିର୍ଦ୍ଦେଶକ ସିଭିଲ ଡିଫେନ୍ସ ପ୍ରମୁଖ ଯୋଗଦାନ କରି ରଥଯାତ୍ରାରେ ସେବା କାର୍ଯ୍ୟ ଯୋଗାଇ ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀଗୁଣ୍ଡିଚା ଦିନ ରୋଭର, ରେଞ୍ଜର, ସ୍କାଉଟ୍ ଓ ଗାଇଡ୍‌ମାନେ ଭିନ୍ନ ଭିନ୍ନ ଦଳରେ ବିଭକ୍ତ ହୋଇ ସହରର ବିଭିନ୍ନ ସ୍ଥାନରେ ଯାନବାହାନ ନିୟନ୍ତ୍ରଣ, ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ ବଣ୍ଟନ, ଜଳସିଞ୍ଚନ, ପ୍ରାଥମିକ ଚିକିତ୍ସା ପ୍ରଦାନ, ଆହତ ହେଉଥିବା ଭକ୍ତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପହଞ୍ଚାଇବା, ସ୍ୱଚ୍ଛ ଭାରତ ଅଭିଯାନ ଆଦି ବିଭିନ୍ନ ସେବା ଯୋଗାଇ ଦେଇଥିଲେ।



ସ୍କାଉଟ୍ ମାଷ୍ଟରମାନଙ୍କ ଆଡ଼ଭାନସଡ୍ ଶିବିର

ତା।୨୧.୭.୨୦୨୬ରୁ ତା୨୭.୭.୨୦୨୬ରିଖ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ମୁଖ୍ୟାଳୟରେ ସ୍କାଉଟ୍ ମାଷ୍ଟରମାନଙ୍କ ଆଡ଼ଭାନସଡ୍ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ୧୭ଟି ଜିଲ୍ଲାରୁ ୬୫ ଜଣ ସ୍କାଉଟ୍ ମାଷ୍ଟର ଏଥିରେ ଯୋଗ ଦେଇଥିଲେ। କ୍ୟାମ୍ପ ଉଦ୍‌ଘାଟନ ଅଧିବେଶନରେ ରାଜ୍ୟ ମୁଖ୍ୟ କମିଶନର ଡଃ କାଳି ପ୍ରସାଦ ମିଶ୍ର ଅଧ୍ୟକ୍ଷତାରେ ସମ୍ମାନୀତ ଅତିଥି ଭାବେ



ଡଃ ସବ୍ୟସାଚୀ ପଟ୍ଟନାୟକ ଚକ୍ଷୁ ବିଭାଗର ମୁଖ୍ୟ, ଶ୍ରୀ ହିତେସ ମହାପାତ୍ର ସମାଜସେବୀ ଯୋଗ ଦେଇଥିଲେ। ନିଜ ନିଜ ଅଂଚଳରେ ସାମାଜିକ ପ୍ରକ୍ରିୟାରେ ସ୍କାଉଟ୍ ସେବା ପ୍ରଦାନ କରି ଜନସାଧାରଣଙ୍କୁ ସେହି ମାର୍ଗରେ ପରିଚାଳିତ ହେବା ପାଇଁ ଜନସଚେତନତା ସୃଷ୍ଟି ନିମନ୍ତେ ମତବ୍ୟକ୍ତ କରିଥିଲେ।



ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ



ବିଶ୍ୱ ହେପାଟାଇଟିସ୍ ଦିବସ କାର୍ଯ୍ୟକ୍ରମ ଗ୍ୟାଷ୍ଟ୍ରୋ ଏଣ୍ଡ ଲିଭର କେୟାର ଫାଉଣ୍ଡେସନ୍ ଏବଂ କମିଶନରେଟ୍ ପୋଲିସ୍, ଭୁବନେଶ୍ୱର-କଟକ ଓଡ଼ିଶା ଦ୍ୱାରା ମିଳିତ ଭାବରେ ତା୨୮.୭.୨୦୨୬ରିଖ ଦିନ ଆୟୋଜନ ହୋଇଥିଲା। ଭୁବନେଶ୍ୱର ଜିଲ୍ଲାର ବିଭିନ୍ନ ସ୍କୁଲର ସ୍କାଉଟ୍ ଏବଂ ଗାଇଡ୍‌ମାନେ ରବୀନ୍ଦ୍ର ମଣ୍ଡପଠାରେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। KIMS-KIIT ଭୁବନେଶ୍ୱରର ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିଷ୍ଟ ଡକ୍ଟର ମନୋଜ କୁମାର ସାହୁ ଯୋଗଦାନ କରି ହେପାଟାଇଟିସ୍ ଭାଇରସ୍ ଏବଂ ଏହାର ପ୍ରଭାବରୁ କିପରି ବିଶ୍ୱବ୍ୟାପି ପରିବର୍ତ୍ତନ ହୋଇ ରୋଗ ମୁକ୍ତ ହୋଇ ପାରିବେ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ।

ଯୁବ ଆପଦମିତ୍ର ତାଲିମ ଶିବିର



କଟକ ଜିଲ୍ଲା ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA) ସହଯୋଗରେ ଯୁବ ଆପଦ ମିତ୍ର ଯୋଜନା ତାଲିମ ତା୨୮.୭.୨୦୨୬ରୁ ତାୀ.୮.୨୦୨୬ ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟାଳୟରେ ଆୟୋଜିତ ହୋଇଥିଲା। ବ୍ୟବହାରିକ ଉଦ୍ଧାର କାର୍ଯ୍ୟ, ସ୍ଥାନନ୍ତର କୌଶଳ, ବନ୍ୟା ଏବଂ ଭୂକମ୍ପ ପରି ଜରୁରୀ ପରିସ୍ଥିତିରେ ମୁକାବିଲା ଏବଂ ବିପଦରୁ ସୁରକ୍ଷା ପାଇବା ପାଇଁ ପାଠ୍ୟକ୍ରମ ପ୍ରସ୍ତୁତି ହୋଇଥିଲା।

ସ୍ୱାଧୀନତା ଦିବସ ପାଳନ

୮୦ତମ ସ୍ୱାଧୀନତା ଦିବସ ପାଳନ ରାଜ୍ୟ ସଂସ୍ଥାର ସମସ୍ତ କର୍ମଚାରୀ ରାଜ୍ୟ ମୁଖ୍ୟାଳୟରେ ଉପସ୍ଥିତ ରହି ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥିଲେ। ଜାତୀୟ ପତାକା ଉତ୍ତୋଳନ କରାଯାଇ 'ବନ୍ଦେ ମାତରମ୍' ଏବଂ 'ଜାତୀୟ ସଂଗୀତ'





ଗାନ କରାଯାଇଥିଲା। ପରେ ପରେ 'ଭାରତ ମାତାକୀ ଜୟ' ଧ୍ୱନିରେ ସ୍କାଉଟ୍ ପରିସର ମୁଖରିତ ହୋଇ ଉଠିଥିଲା। ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ-୨୦୨୬ ଗାନ୍ଧୀମାର୍ଗ ଠାରେ ଅନୁଷ୍ଠିତ ପ୍ୟାରେଡ୍‌ରେ ରାଜ୍ୟ ସ୍କାଉଟ୍ ଗାଇଡ୍ ସଂସ୍ଥା ତରଫରୁ ୪ ପ୍ଲାଟୁନ୍ ରୋଭର, ରେଂଜର, ସ୍କାଉଟ୍, ଗାଇଡ୍ ମାନେ ଅଂଶ ଗ୍ରହଣ କରିଥିଲେ।

ରାଜୀବ ଗାନ୍ଧୀ ସେବା ସମ୍ମାନ



ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ରାଜୀବ ଗାନ୍ଧୀ ଜୟନ୍ତୀ ଉତ୍ସବ ଅବସରରେ ତା୨୦.୮.୨୦୨୬ରିଖ ଦିନ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ଓ ସେବା ସମ୍ମାନ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ସେବା କ୍ଷେତ୍ରରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ସଂସ୍ଥା ତରଫରୁ ୟୁନିଟ୍ ଲିଡ଼ର ଯଥା- ଶ୍ରୀ ବିଜୟ କୁମାର ସାହୁ - କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ କେନ୍ଦୁଝର, ଶ୍ରୀ ପ୍ରଦୀପ୍ତ କୁମାର ନାୟକ-DKN କଲେଜ୍ ଏରଞ୍ଚା କଟକ. ଶ୍ରୀ ଦୀପକ କୁମାର ବେହେରା- MCP ମହାବିଦ୍ୟାଳୟ ବାରିପଦା ମୟୂରଭଞ୍ଜ, ଶ୍ରୀ ମାନସ କୁମାର ସେଠୀ- ନୀଳକଣ୍ଠ ସରକାରୀ ଉଚ୍ଚବିଦ୍ୟାଳୟ କଣ୍ଟାବାଡ଼ ଖୋର୍ଦ୍ଧା, ଶ୍ରୀ ନୀଳକଣ୍ଠ ବେହେରା, ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ନୟାଗଡ଼, ଶ୍ରୀ ରତିକାନ୍ତ ନାୟକ-ସରସ୍ୱତୀ ବିଦ୍ୟାମନ୍ଦିର ବଡ଼ଗଡ଼ ବ୍ରିଟ୍ କଲୋନୀ ଭୁବନେଶ୍ୱର, ଶ୍ରୀମତୀ ମୋନାଲିସା ଦାସ, ସିଦ୍ଧ ଭୈରବୀ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ଗଞ୍ଜାମ, ଶ୍ରୀମତୀ ନିରୁପମା ସାହୁ- ସରକାରୀ ଉଚ୍ଚ ବିଦ୍ୟାଳୟ ରାଜସୁନାଖଳା ନୟାଗଡ଼, ଶ୍ରୀମତୀ ରଚିତା ପଟ୍ଟନାୟକ- AAA ଖୋଦ୍ଧା, ଶ୍ରୀମତୀ ପୁଷ୍ପାଞ୍ଜଳି ଜେନା-ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୟୁନିଟ୍-୩ ଭୁବନେଶ୍ୱର ଏବଂ ଶ୍ରୀମତୀ ପୁଷ୍ପଲତା ମହାପାତ୍ର- AG ମିଶନ ସ୍କୁଲ ଚାନ୍ଦପୁର, ନୟାଗଡ଼ ରାଜୀବ ଗାନ୍ଧୀ ସେବା ସମ୍ମାନ ପ୍ରାପ୍ତ ହୋଇଥିଲେ।

ବେସିକ୍ ଫ୍ଲକ୍‌ଲିଡ଼ର ତାଲିମ ଶିବିର



ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ଫ୍ଲକଲିଡର ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ତା୧୭.୦୮.୨୦୨୬ ରିଖ ଠାରୁ ୨୩.୦୮.୨୦୨୬ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ



ମିଶ୍ର ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟରେ କବ୍ ବୁଲ୍‌ବୁଲ୍ ଶିକ୍ଷା ମାଧ୍ୟମରେ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ଭାବେ ଗଢ଼ିତୋଳିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଶିବିରରେ ଆମ୍ ବିଶ୍ଳେଷଣ, ହସ୍ତଶିଳ୍ପ ତାଲିମ, ପ୍ରାଥମିକ ଚିକିତ୍ସା, ଯୋଗ ଆଦିର ତାଲିମ ବରିଷ୍ଠ ତାଲିମ ଦାତା ମାନଙ୍କ ଦ୍ୱାରା ଦିଆଯାଇଥିଲା।

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ସେବା



ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକମାନେ ଭୁବନେଶ୍ୱର ଠାରୁ ଅଯୋଧ୍ୟା ବାରଣାସୀ ପ୍ରଭୃତି ତୀର୍ଥସ୍ଥାନ ଭ୍ରମଣରେ ଯିବା ପାଇଁ ସ୍କାଉଟ୍ ଗାଇଡ୍ ରାଜ୍ୟ ମୁଖ୍ୟାଳୟରେ ତା୧ ରୁ ତା୨.୯.୨୦୨୬ରିଖ ପର୍ଯ୍ୟନ୍ତ ରହଣୀ କରିଥିଲେ। ଏହି ଅବସରରେ ରୋଭର ରେଂଜରମାନେ ଉପସ୍ଥିତ ରହି ବରିଷ୍ଠ ନାଗରିକ ମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେଇଥିଲେ। ଜୀର୍ଥଯାତ୍ରୀମାନଙ୍କୁ ବସ୍‌ରୁ ଅବତରଣ କରି ସେମାନଙ୍କ ରହିବା ସ୍ଥାନରେ ପହଞ୍ଚାଇ ଦେଇଥିଲେ। ଖାଦ୍ୟ ପାନୀୟ ବଣ୍ଟନ କରିଥିଲେ। ରେଳଷ୍ଟେସନକୁ ଯାଇ ତୀର୍ଥଯାତ୍ରୀମାନଙ୍କୁ ଟ୍ରେନ୍‌ରେ ବସାଇବା ଆଦି ସେବାକାର୍ଯ୍ୟ ଯୋଗାଇ ଦେଇଥିଲେ। ମାନ୍ୟବର ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ତୀର୍ଥଯାତ୍ରୀମାନଙ୍କର ଟ୍ରେନ୍‌ଯାତ୍ରାର ପତାକା ଦେଖାଇ ଶୁଭାରମ୍ଭ କରାଇଥିଲେ ଏବଂ ରୋଭର ରେଂଜରମାନଙ୍କର ସେବାକାର୍ଯ୍ୟକୁ ବହୁ ପ୍ରଶଂସା କରିଥିଲେ।

ପଞ୍ଚମାରୀ ଦିବସ

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ତରଫରୁ ରାଜ୍ୟ ମୁଖ୍ୟାଳୟରେ ତା୧୦.୯.୨୦୨୬ରିଖ ଦିନ ପଞ୍ଚମାରୀ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତାମାନେ ରାସ୍ତାପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ।



ଅନ୍ତର୍ଜାତୀୟ ଶାନ୍ତି ଦିବସ



ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍ସ୍ ଦ୍ୱାରା ରାଜ୍ୟ ମୁଖ୍ୟାଳୟରେ ତା୨୧.୯.୨୦୨୫ରିଖ ଦିନ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ରୋଭର ଲିଡ଼ର ମାନେ ଯୋଗ ଦେଇଥିଲେ। ଶାନ୍ତି ସହାନୁଭୂତି ରକ୍ଷା ପାଇଁ ପ୍ଲାକାର୍ଡ ଧରି ପ୍ରଦର୍ଶନ କରିଥିଲେ। ଶାନ୍ତିକୁ ବଜାୟ ରଖିବା ପାଇଁ ଶପଥ ନେଇଥିଲେ। ରାସ୍ତା ପାର୍ଶ୍ୱରେ ବୃକ୍ଷ ରୋପଣ କରିବା ଏବଂ ଗଛ ଗୁଡ଼ିକର ମୂଳରୁ ଅନାବନା ଗଛ ଉପାଡ଼ି ତାହାର ଯତ୍ନ ନେଇଥିଲେ। ଏହି ସଭା ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ସଭାପତି ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବରେ ଉପସଭାପତି ଶ୍ରୀ ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୪୩ ଜଣଙ୍କୁ ସେମାନଙ୍କର ସ୍କାଉଟିଂ ଏବଂ ସାମାଜିକ ସେବା ଅବଦାନ ପାଇଁ ଲାଇଫ୍ ଟାଇମ୍ ଆଚିଭ ସେବା ସମ୍ମାନ, ରଘୁନାଥ ସେବା ସମ୍ମାନ, ରାମମୂର୍ତ୍ତି ସେବା ସମ୍ମାନ ଏବଂ ବସନ୍ତ ସେବା ସମ୍ମାନରେ ପ୍ରମାଣପତ୍ର ସହିତ ଫଳକ ଦିଆଯାଇ ସମ୍ମାନିତ କରାଯାଇଥିଲା।

ରୋଭର ସ୍କାଉଟ୍ ଲିଡ଼ର ବେସିକ୍ ଏବଂ ଆଡ଼ଭାନସ୍ଡ଼ ତାଲିମ ଶିବିର

ତା୧୮.୯.୨୦୨୬ ରୁ ତା୨୪.୯.୨୦୨୬ରିଖ ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟାଳୟରେ ରୋଭର ସ୍କାଉଟ୍ ଲିଡ଼ରମାନଙ୍କ ପାଇଁ ବେସିକ୍ ଏବଂ ଆଡ଼ଭାନସ୍ଡ଼ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୫୫ ଜଣ ବେସିକ୍ ଏବଂ ୧୩ ଜଣ ଆଡ଼ଭାନସ୍ଡ଼ ରୋଭର ସ୍କାଉଟ୍ ଲିଡ଼ର ତାଲିମ ନେଇଥିଲେ। ରାଜ୍ୟ ମୁଖ୍ୟ କମିଶନର ଡଃ କାଳି ପ୍ରସାଦ ମିଶ୍ରଙ୍କ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରାର୍ଥୀମାନଙ୍କୁ ସ୍କାଉଟିଂର ଆଦର୍ଶରେ ଆନୁପ୍ରାଣିତ ହୋଇ ସାମାଜିକ ସେବା କ୍ଷେତ୍ରରେ ଅଗ୍ରସର ହେବା ପାଇଁ ପ୍ରବର୍ତ୍ତାଇଥିଲେ।



ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ (District level Activities)

କେନ୍ଦ୍ରାପଡ଼ା



ଓଡ଼ିଶାର ଉପର ଭାଗରେ ଲଗାଣ ବର୍ଷା ଲାଗି ରହିବାରୁ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ସୃଷ୍ଟି ହୋଇଥିଲା। ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଲେ। ଏପରିକି ଗାଈ, ଗୋରୁ ଏବଂ ଲୋକମାନେ ଖାଦ୍ୟ ଖାଇବାକୁ ନ ପାଇ ଅନାହାରରେ କାଳାତିପାତ କରୁଥିଲେ। ଏହି ଦୁର୍ଦ୍ଦିନ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାର ସ୍କାଉଟ୍ ଗାଇଡ୍ ଏବଂ ଲିଡ଼ରମାନେ ଆଗେଇ ଆସି ବନ୍ୟା ପ୍ରଭାବିତ ଗ୍ରାମାଞ୍ଚଳକୁ ଯାଇ ଚୂଡ଼ା, ଚିନି, ଗୁଡ଼, ବିସ୍କୁଟ୍, ଅଟା, ମହମବତୀ, ଦିଆସିଲି ଆଦି ଆବଶ୍ୟକୀୟ ଜିନିଷ ଯୋଗାଇ ଦେଇଥିଲେ।



ଏନ୍.ବି. ବିଦ୍ୟାପୀଠ ଚଉଦକୁଲାଟର ସ୍କାଉଟ୍ ଗାଇଡ୍ ମାନେ ଗୁରୁଦିବସ ପାଳନ ଅତି ଉତ୍ସାହର ସହିତ ପାଳନ କରିଥିଲେ। ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଗୁରୁଜୀମାନଙ୍କୁ ଭକ୍ତିର ସହିତ ପୁଷ୍ପ ଚନ୍ଦନ ଦେଇ ବନ୍ଦାପନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୁରୁ ଦିବସ ସଂପର୍କରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା।

ଖୋର୍ଦ୍ଧା



କୁଞ୍ଜ ବିହାରୀ ମହାବିଦ୍ୟାଳୟ,ଜାରଙ୍ଗର ରୋଭର ରେଂଜରମାନେ ଚାରାରୋପଣ କରିବା ପାଇଁ ଗୋବର ଖତ ଦ୍ୱାରା ମଞ୍ଜି ରଖି ବଲ୍ ପ୍ରସ୍ତୁତ କରିଥିଲେ। ସେହି ଗୋବର ମିଶ୍ରିତ ମଞ୍ଜି ଗୋଲ୍ ଗୁଡ଼ିକୁ ବିଭିନ୍ନ ସ୍ଥାନମାନଙ୍କରେ ପୋତି ସବୁଜ ପୃଥିବୀ ସୃଷ୍ଟି କରିବା ପ୍ରୟାସ ଜାରି ରଖିଥିଲେ।

ଗଞ୍ଜାମ

ଡିଏଭି ପବ୍ଲିକ୍ ସ୍କୁଲ ବରହମପୁରର ସ୍କାଉଟ୍ ଗାଇଡ୍ ମାନେ ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ କରିବା ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ। ଦୋକାନ ବଜାର ବୁଲି ପ୍ଲାଷ୍ଟିକ୍ ବଦଳରେ କପଡ଼ା ବ୍ୟାଗ୍ ବ୍ୟବହାର କରିବା ପାଇଁ ବୁଝାଉଥିଲେ। ପ୍ଲାଷ୍ଟିକ୍ ବ୍ୟବହାର ଦ୍ୱାରା ଜଳ, ବାୟୁ ଏବଂ ମାଟି ବିଷାକ୍ତ ହୋଇ ନଷ୍ଟ ହୋଇଥାଏ ଏବଂ ପରିବେଶ ଉପରେ ଏହାର





କୁପ୍ରଭାବ ପଡ଼ିଥାଏ। ଏହି ସଚେତନତା ମାଧ୍ୟମରେ ଜନସାଧାରଣଙ୍କୁ ବୁଝାଇ ପ୍ଲାଷ୍ଟିକ୍ ବ୍ୟବହାରରୁ ମୁକ୍ତି ହେବାପାଇଁ ପ୍ରୟାସ ଜାରି ରଖିଥିଲେ।

ଦେଶର ସୁରକ୍ଷା ପାଇଁ କାରଗିଲ୍ ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ବୀର ସହୀଦ ମାନଙ୍କୁ ସ୍ମରଣ କରାଇବା ପାଇଁ ସେଣ୍ଟ ଜାଭିଅର୍ ମୀନାକ୍ଷିନଗରର ସ୍କାଉଟ୍ ଗାଇଡ୍ ମାନେ ତା୨୬.୭.୨୦୨୬ରିଖ ଦିନ କାରଗିଲ୍ ବିଜୟ ଦିବସ ପାଳନ କରିଥିଲେ। ସ୍କାଉଟ୍ ଗାଇଡ୍ ମାନେ ସହୀଦ ବ୍ୟାନର ଧରି ଗ୍ରାମ ପରିକ୍ରମା କରି ସହୀଦମାନଙ୍କୁ ସ୍ମରଣ କରାଇଥିଲେ।

ଜଗତସିଂହପୁର



ଡିଏଭି ପବ୍ଲିକ୍ ସ୍କୁଲ, ପାରାଦ୍ୱୀପର କବ୍ ବୁଲ୍‌ବୁଲ୍‌ମାନେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମରଣୀୟ ଜୟନ୍ତୀ ଦିବସ ପାଳନ କରିଥିଲେ। କବ୍ ବୁଲ୍‌ବୁଲ୍‌ମାନେ ଗଙ୍ଗାଧର ମେହେରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗଙ୍ଗାଧର ମେହେରଙ୍କ ବେଶ ପୋଷାକରେ ସଜ୍ଜିତ ହୋଇ କବ୍ ବୁଲ୍‌ବୁଲ୍‌ମାନେ ନିଜକୁ ପ୍ରଦର୍ଶିତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅତିଥିଗଣ ଉଦ୍‌ବୋଧନ ଦେଇଥିଲେ।



ଅଗ୍ନି ଏବଂ ନିରାପତ୍ତା, ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍‌ର ଆନୁକୂଲ୍ୟରେ ଡିଏଭି ପବ୍ଲିକ୍ ସ୍କୁଲ ପିପିଏଲ୍‌ର ସ୍କାଉଟ୍ ଗାଇଡ୍ ମାନଙ୍କୁ ଅଗ୍ନି ନିରାପତ୍ତା ତାଲିମ ପ୍ରଦାନ କରାଯାଇଥିଲା। ଅଗ୍ନି ଏବଂ ସୁରକ୍ଷା କର୍ମୀମାନେ ବିଭିନ୍ନ ପ୍ରକାରର ଅଗ୍ନି ଜରୁରୀକାଳୀନ ପରିସ୍ଥିତିର ସଠିକ୍ ପ୍ରତିକ୍ରିୟା ପଦ୍ଧତି, ସ୍କୁଲ କୋଠାରୁ ସୁରକ୍ଷିତ ସ୍ଥାନାନ୍ତରଣ, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଏବଂ ଜରୁରୀକାଳୀନ ସମୟରେ ଅନୁସରଣ କରିବାକୁ ଥିବା ଅନ୍ୟାନ୍ୟ ଜରୁରୀ ସତର୍କତା ପ୍ରଦର୍ଶନ କରିଥିଲେ।

ଯାଜପୁର




ପ୍ରବଳ ବର୍ଷା ଲାଗି ରହିବାରୁ ବୈତରଣୀ ନଦୀରେ ଅତ୍ୟଧିକ ପାଣି ପ୍ଲାବିତ ହେବାରୁ ଯାଜପୁର ଜିଲ୍ଲାର ନଦୀକୂଳ ଗ୍ରାମାଞ୍ଚଳ ବନ୍ୟାଜଳରେ ପ୍ରଭାବିତ ହୋଇଥିଲେ। ଲୋକମାନେ ଖାଦ୍ୟାଭାବରେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ। ଏଭଳି ଦୁର୍ଦ୍ଦିନ ସମୟରେ ଯାଜପୁରର ସ୍କାଉଟ୍ ଗାଇଡ୍ ଏବଂ ଲିଡ଼ର ମାନେ ଉପସ୍ଥିତ ରହି ପ୍ୟାକେଟ୍‌ରେ ଶୁଖିଲା ଖାଦ୍ୟ ଦେଇ, ଚୁଡ଼ା, ବିସ୍କୁଟ୍, ଗୁଡ଼, ଚିନି ଏବଂ ଆବଶ୍ୟକୀୟ ନିଜ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଇ ଦେଇଥିଲେ।

ପୁରୀ



ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜାତୀୟ ସେବା ଶିବିର ପାଇଁ ଆଗକୁ ଆସୁଥିବାରୁ ଭକ୍ତ ମାନଙ୍କୁ ବିପର୍ଯ୍ୟୟ ସମୟରେ ବିଭିନ୍ନ ସେବା ଓ ସୁରକ୍ଷା ଯୋଗାଇ ଦେବା ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ତରଫରୁ ଏକ ମକ୍ ଡ୍ରିଲ୍ ତାଲିମର ଆୟୋଜନ କରାଯାଇଥିଲା। ଏଥିରେ ପୁରୀ ଜିଲ୍ଲାର ରୋଭର ରେଂଜରମାନେ ଯୋଗଦାନ କରି ବିପଦ ପରିସ୍ଥିତି ସମୟରେ ଉଦ୍ଧାର ପ୍ରଣାଳୀ, ଭିଡ଼ ନିୟନ୍ତ୍ରଣ, ପ୍ରାଥମିକ ଚିକିତ୍ସା ଏବଂ ଆମ୍ବୁଲାନସ୍ ଯିବା ସମୟରେ ଭିଡ଼ ଅବରୋଧ ହଟାଇବା ଇତ୍ୟାଦି ତାଲିମ ଦିଆଯାଇଥିଲା।



ପୁରୀର ଅଲାରନାଥ ମନ୍ଦିର ଠାରେ ପ୍ରଭୁ ଶ୍ରୀ ମହାଦେବଙ୍କ ଦର୍ଶନ ଲାଗି ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କର ସମାଗମ ହୋଇଥିଲା। ରୋଭର ରେଂଜରମାନେ ଭକ୍ତମାନଙ୍କୁ ବିଭିନ୍ନ ସେବାକାର୍ଯ୍ୟ ଯୋଗାଇ ଦେଇଥିଲେ। ଅଲାରନାଥ ମନ୍ଦିର ଚତୁଃପାର୍ଶ୍ୱ ସଫାସୁତୁରା କରିବା, ସରବତ ବଣ୍ଟନ, ଶାନ୍ତି ଶୃଙ୍ଖଳା ରକ୍ଷା, ଧାଡ଼ିରେ ଭକ୍ତମାନଙ୍କୁ ଦର୍ଶନ କରାଇବା ଇତ୍ୟାଦି କାର୍ଯ୍ୟ କରିଥିଲେ।

ପୁରୀ ଜିଲ୍ଲାର ସମସ୍ତ ସ୍କାଉଟ୍, ଗାଇଡ଼୍, ରୋଭର, ରେଂଜର ଏବଂ ଲିଡ଼ରମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ସମୟରେ ତା୧୮ରୁ ୨୪.୭.୨୦୨୬ରିଖ ପର୍ଯ୍ୟନ୍ତ ବିଭିନ୍ନ ସେବା ଯୋଗାଇ ଦେଇଥିଲେ। ରଥ ପରିସର ସଫେଇ, ପଡ଼ିଥିବା ପ୍ଲାଷ୍ଟିକ୍ ବୋତଲ ଗୋଟାଇ କମ୍ପୋଷ୍ଟରେ ପକାଇଥିଲେ। ଭକ୍ତମାନଙ୍କୁ ପାନୀୟଜଳ, ଦହି ଲେମ୍ବୁ ସରବତ ବଣ୍ଟନ, ଅସୁସ୍ଥ ହୋଇ ପଡୁଥିବା ଲୋକମାନଙ୍କୁ ପ୍ରାଥମିକ ଚିକିତ୍ସା ଆଦି ପୁରୀର ଗୁଣ୍ଡିଚା ମନ୍ଦିର, ବଡ଼ ଦାଣ୍ଡ, ସମୁଦ୍ରକୂଳ ଇତ୍ୟାଦି ସ୍ଥାନମାନଙ୍କରେ ବିଭିନ୍ନ ସେବା ଯୋଗାଇ ଦେଇଥିଲେ।

ବନମହୋତ୍ସବ ସପ୍ତାହ ପାଳନ

ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ଜନସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍ସ୍ ତା ୧.୭.୨୦୨୬ରୁ ୩୧.୭.୨୦୨୬ରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ "ବନ ମହୋତ୍ସବ" ସଫଳତାର ସହ ପାଳନ କରିଥିଲା। ଏହି ଅବସରରେ ବିଭିନ୍ନ ଜିଲ୍ଲାରେ ଏକ ସାମୂହିକ ବୃକ୍ଷରୋପଣ ଅଭିଯାନ କରାଯାଇଥିଲା, ଯାହାର ଲକ୍ଷ୍ୟ ଥିଲା ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସବୁଜ ଜୀବନଶୈଳୀର ମୂଲ୍ୟବୋଧକୁ ବୃଦ୍ଧି କରିବା। ସ୍କାଉଟ୍ ଗାଇଡ୍ମାନଙ୍କ ଦ୍ୱାରା "ପରିବେଶ ଆମର ଜୀବନ" ବିଷୟବସ୍ତୁ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏହା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ "ମାଆ ପାଇଁ ଗଛଟିଏ" ବାର୍ତ୍ତା ବହନ କରି ସ୍କାଉଟ୍ ଗାଇଡ୍ମାନେ ଏକ ଶୋଭାଯାତ୍ରା କରିଥିଲେ। ସ୍କୁଲ, କଲେଜ କ୍ୟାମ୍ପସ୍ ଏବଂ ନିକଟବର୍ତ୍ତୀ ଅଂଚଳରେ ବୃକ୍ଷରୋପଣ ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ଚାରାଗଛ ବଣ୍ଟନ କରିଥିଲେ।





BALANGIR



BARAGADA



Carmel School : BHADRAK



ANUGOL



Jagannath BP, Chaudakulat : KENDRAPADA

ବନମହୋତ୍ସବ ସପ୍ତାହ ପାଳନ

BHUBANESWAR



DAV Public School, Pokhariput



DAV Public School, Kalingnagar



Gurukul





Manjari Devi Pub School-Balianta



BJEM-II



Govt. High School, Ganganan : DEBAGADA



GP High School, Dolpada : DEBAGADA

ବନମହୋତ୍ସବ ସପ୍ତାହ ପାଳନ

DHENKANAL



Dandimal High School



Govt High School, Bhaliabol



Janaprava Govt. HS, Mahabirod



K.P. H.S., Gobindpur



Mahima Girls HS, Joranda



Rama Chandra UP School



Govt. HS Khantragada, GAJAPATI



SVT Govt. High School : GAJAPATI

ବନମହୋତ୍ସବ ସପ୍ତାହ ପାଳନ

GANJAM



Delhi Pub. Sr. Sec. School



Sri Gopal Dash BP, Manipadia



U.G. HS, Nimapali



Kaling VM, Berhampur



St. Xavier HS, Berhampur



Sidha Bhairabi Hr. Sec. School



Govt. Hr. Sec. School, Kanchuru



PCM Hr. Sec School, Sorada

ବନମହୋତ୍ସବ ସପ୍ତାହ ପାଳନ



DAV Pub. School, PPL Paradeep



S.K. Academy

JAGATSINGHPUR



Sudhanand School, JSPUR



NAYAGARH



MALKANGIRI



PM Shri Govt. hs, Kinjirma, SUNDARGARH



PURI



SONEPUR

୮୦ତମ ସ୍ୱାଧୀନତା ଦିବସ ପାଳନ

୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍ସ୍ ତରଫରୁ ବିଭିନ୍ନ ଜିଲ୍ଲାରେ ଦେଶଭକ୍ତି ଓ ଉତ୍ସାହର ସହିତ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ବିଦ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସ୍କାଉଟ୍, ଗାଇଡ୍, ରୋଭର ଏବଂ ରେଂଜରମାନେ ଶୃଙ୍ଖଳିତ ଭାବେ ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିବା ସଂଗେ ସଂଗେ ଦେଶଭକ୍ତି ମୂଳକ ଭାଷଣ, ଗୀତ, ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। "ବନ୍ଦେ ମାତରମ୍" ଏବଂ ଜାତୀୟ ସଂଗୀତ ବୋଲାଯାଇ ଦେଶଭକ୍ତିର ସ୍ଲୋଗାନର ଜୟଧ୍ୱନିରେ ବିଦ୍ୟାଳୟ ପରିସର ମୁଖରିତ ହୋଇଉଠିଥିଲା। ଦେଶର ସ୍ୱାଧୀନତାର ମୂଲ୍ୟବୋଧକୁ ହୃଦୟରେ ଧାରଣ କରି ଦେଶର ଏକତା, ଅଖଣ୍ଡତା ଓ ଉନ୍ନତି ପାଇଁ ସମସ୍ତେ ଆଗେଇ ଆସିବାର ସଂକଳ୍ପ ନେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମନରେ ଦେଶପ୍ରେମ, ଜାତୀୟ ଚେତନା ଓ ଦାୟିତ୍ୱବୋଧ ସୃଷ୍ଟି କରିଥିଲା।





PM Shri Govt. High School, ANUGOL



Govt Panchayat hs Agalpur, BALANGIR



Ramachandrapur UP School, DHENKANAL



K.B. College, KHORDHA



Uttarahana UGUP School, PURI

୮୦ତମ ସ୍ୱାଧୀନତା ଦିବସ ପାଳନ

BHUBANESWAR



DAV Public School, Pokhariput



Dream India School Kalinganagar



Govt. Boys High School, Unit-8



SSVM, Ghatikia



PM Shri DM School



Aurobindo Integral School



PM Shri Lanjibema Shramik Gov hs Bihabandha : SUNDARGARH : PM Shri Gov Hs-Kutra



୮୦ତମ ସ୍ୱାଧୀନତା ଦିବସ ପାଳନ



Chikiti pentho Nodal High School



Govt. UG High School, Badapada





Kaling Vidya Mandir



Sidha Bhairabi Hr. Sec. School



Prakash Ch. Wome Hr. Sec. School





GANJAM

ରଥଯାତ୍ରା ସେବା ଶିବିର

ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍ସ୍ ତରଫରୁ ବିଭିନ୍ନ ଜିଲ୍ଲାରେ ସେବା ଶିବିରର ଆୟୋଜନ କରାଯାଇଥିଲା। ସ୍କାଉଟ୍, ଗାଇଡ୍, ରୋଭର, ରେଂଜରମାନେ ଜିଲ୍ଲା ଗୁଡ଼ିକରେ ରଥଯାତ୍ରା ସମୟରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଶୃଙ୍ଖଳା ରକ୍ଷା, ପାନୀୟ ଜଳବଣ୍ଟନ, ଜଳ ସିଞ୍ଚନ, ପ୍ରସାଦ ବଣ୍ଟନ ଇତ୍ୟାଦି କାର୍ଯ୍ୟରେ ନିୟୋଜିତ ରହି ସେମାନଙ୍କର ସେବାକାର୍ଯ୍ୟ ସୁଚାରୁ ରୂପେ ସଂପାଦନ କରିଥିଲେ। ଏତଦ୍ ବ୍ୟତୀତ ମହାପ୍ରଭୁଙ୍କର ବାହୁଡ଼ାଯାତ୍ରା ଦିନ ମଧ୍ୟ ଅନୁରୂପ ଭାବରେ ସେବା କାର୍ଯ୍ୟ ଯୋଗାଇ ଦେଇଥିଲେ।





BHUBANESWAR





DHENKANAL





GAJAPATI

ରଥଯାତ୍ରା ସେବା ଶିବିର



JAJPUR



JAGATSINGHPUR



KANDHAMAL



KENDUJHAR



NAYAGADA



SUNDARGADA





KENDRAPADA

ବିଶ୍ୱ ସ୍କାଉଟ୍ ସ୍କାର୍ଫ ଦିବସ ପାଳିତ

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍ସ୍ ଆନୁକୂଲ୍ୟରେ ତା ୧.୮.୨୦୨୬ ତାରିଖ ଦିନ ବିଭିନ୍ନ ଜିଲ୍ଲାରେ ବିଶ୍ୱ ସ୍କାଉଟ୍ ସ୍କାର୍ଫ ଦିବସ ପାଳିତ ହୋଇଥିଲା। ଏହି ଦିବସର ମହତ୍ତ୍ୱ ହେଉଛି ଏକତା, ସେବା ଏବଂ ବନ୍ଧୁତା ସୃଷ୍ଟି କରିବା। ସ୍କାଉଟ୍ ୟୁନିଫର୍ମ ସହିତ ସ୍କାର୍ଫ ପରିଧାନ କରି ସମାଜରେ ସ୍କାଉଟିଂର ଲକ୍ଷ୍ୟ ଓ ମୂଲ୍ୟବୋଧ ବିଷୟରେ ଅବଗତ କରାଇବା। 'ସ୍କାର୍ଫ' ଏକ ପ୍ରତୀକ। ସ୍କାଉଟିଂରେ ସ୍କାର୍ଫ ନିଜକୁ ବିଶ୍ୱ ସଂଗଠନର ସଦସ୍ୟ ଭାବରେ ଗର୍ବ ଅନୁଭବ କରିବା ସହ ନିଜକୁ ଦାୟିତ୍ୱବାନ କରିବା। ଏହି ଅବସରରେ ସ୍କାଉଟିଂ ଏବଂ ଗାଇଡ଼ିଂ ମାନଙ୍କୁ ସାମାଜିକ ଦାୟିତ୍ୱ ଏବଂ ପରିବେଶ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସାମୂହିକ ବୃକ୍ଷରୋପଣ, ସଫେଇ କାର୍ଯ୍ୟକ୍ରମ କରିବା ସଂଗେ ସଂଗେ ପରିବେଶ ସଚେତନତା ଉପରେ ପ୍ରୋତ୍ସାହିତ କରାଯାଇଥିଲା। ସ୍କାଉଟ୍ ଗାଇଡ୍ ମାନେ ସ୍କାଉଟ୍ ସ୍କାର୍ଫ ପରିଧାନ କରି ବିଶ୍ୱ ସ୍କାଉଟିଂରେ ଅନୁପ୍ରାଣିତ ହେବା ପାଇଁ ସ୍କାଉଟ୍ ପ୍ରତିଜ୍ଞା ଆବୃତ୍ତି କରାଯାଇଥିଲା।



DM School, BHUBANESWAR



SASIIE-GGP, BHUBANESWAR



Bagudi Nodal Govt HS, BALESWAR



Remuna High School, BALESWAR



Sri Sri University, KATAKA



Tarando High School, KENDRAPADA

ବିଶ୍ୱ ସ୍କାଉଟ୍ ସ୍କାର୍ଫ ଦିବସ ପାଳିତ



Panchapali Govt. Hr Sec School,-Nuadihi, DEBAGADA



RBD High School, DEBAGADA



OAV, Barihapur, DHENKANAL



Rama Chandrapur UP School, DHENKANAL



DAV Pub. School, Berhampur : GANJAM



S.R. High School, Dharakot : GANJAM



St. Xavier HS, Berhampur, GANJAM



Siddha Bhairabi Hr. Sec. School : GANJAM

ବିଶ୍ୱ ସ୍କାଉଟ୍ ସ୍କାର୍ଫ ଦିବସ ପାଳିତ



Kunja Bihari College, Barang, KHORDHA



Mahatab High School, Champua, KENDUJHAR



N.S. Police Govt. H.S., KEONJHAR



Govt. Women's College, KEONJHAR



Gadasanaput High School, PURI



V.S. Vidya Niketan, Sirei, PURI



Suddhananda Vidyalaya, JAGATSINGHPUR



ହର ଘର ତ୍ରିରଙ୍ଗା

ରାଜ୍ୟ ସ୍କାଉଟ୍ ଗାଇଡ୍ ସଂସ୍ଥା ତରଫରୁ ପ୍ରତ୍ୟେକ ଜିଲ୍ଲାରେ "ହର ଘର ତ୍ରିରଙ୍ଗା" ପ୍ରତିଫଳିତ ହୋଇ ଏକ ନୂତନ ଜାତୀୟ ଚେତନା ଉଦ୍ରେକ ହୋଇଥିଲା। ଦେଶର ସ୍ୱାଧୀନତାର ମୂଲ୍ୟବୋଧକୁ ହୃଦୟରେ ଧାରଣ କରି ଦେଶର ଏକତା, ଅଖଣ୍ଡତା ଓ ଉନ୍ନତି ପାଇଁ "ହର ଘର ତ୍ରିରଙ୍ଗା" ରଙ୍ଗରେ ରଙ୍ଗାୟିତ ହୋଇ ଛାତ୍ରଛାତ୍ରୀମାନଙ୍କ ମନରେ ଦେଶପ୍ରେମ, ଜାତୀୟ ଚେତନା ଓ ଦାୟିତ୍ୱବୋଧ ସୃଷ୍ଟି କରିଥିଲା। ସ୍କାଉଟ୍ ଗାଇଡ୍ ମାନେ ଜାତୀୟ ପତାକା ଓ ବିଭିନ୍ନ ବ୍ୟାନର ଧରି ଗ୍ରାମ ଓ ସହର ପରିକ୍ରମା କରି ଏହି ଉତ୍ସବକୁ ଏକ ସ୍ମରଣୀୟ କରିଥିଲେ।



AV Pub. School, Kalingnagar



DAV Pub. School, C.S.Pur



Dream India Smart Academy



Loyola School



PM Shri DM School



MBS Public School

BHUBANESWAR

ହର ଘର ତ୍ରିରଙ୍ଗା



U.N. College, Adaspur, KATAKA



Baruneswar High School, Arei, JAJPUR





DAV Pub. School, Berhampur : GANJAM



Prakash Ch Women Hr Sec. School, Sorada, Ganjam



Anchalik Degree College,
Jagannath Prasad, GANJAM



Aska Science College, GANJAM

ହର ଘର ତ୍ରିରଙ୍ଗା



PM Shri Gov Hs Uditnagar, ROURKELA



Deepika Ispat Sikshya Sadan, ROURKELA





PURI









SUNDARGADA





ବନ୍ୟା ପ୍ରଭାବିତ ଅଂଚଳରେ ରିଲିଫ୍ ପ୍ରଦାନ

ANSWER OF QUIZ NO. -66

1- 1910
2- In South Africa
3- Cetchwayo
4- In 1888
5- 13th Oct. 1914
6- Courage, Common Sense, Cunning and Cheerfulness
7- Heather Grace
8- 1st June 1915 // 9- In 1916
10. World Health Organisation



QUIZ NO.-67



1. What is the Scout Pawel.
2. Which Compass may be used for taking bearing and for night marching?
3. Which sling support the forearm and hand?
4. What is the other name of Triangular Sling?
5. When do we observe Scarf day?
6. How do the participants stand at the time of Flag hoist?
7. What is the symbol of >>> less than in Woodcraft sign.
8. Who is the World Chief Guide?
9. Who designed the World Guide Flag at 1st time?
10. How many D's in Mapping.

ଅଧିକ ସଂଖ୍ୟାରେ ସଂଗଠନ ସହିତ ଯୋଡ଼ି ହେବା ପାଇଁ ଆମ୍ଭ ସାମାଜିକ ଗଣମାଧ୍ୟମରେ କାର୍ଯ୍ୟକ୍ରମ ଗୁଡ଼ିକର ଫଟୋ ଓ ସୂଚନା ଉପସ୍ଥାପନ କରନ୍ତୁ।

: Bharat Scout Odisha, : odisha state bharat scouts & guides,
: Odisha State Bharat Scouts And Guides, : Odisha State Bsg,

DISTRICT ACTIVITIES



Public Awareness to avoid plastic use :
DAV Pub. School, Berhampur, GANJAM



Awareness on Anti-Tobacco :
PMShri Ramachandra H/S, Khandapada, NAYAGADA



Observation of Gangadhar Meher Jayanti
JAGATSINGHPUR



Kargil Divas Day : GANJAM



Har Ghar Triranga : BHUBANESWAR



Independence Day Parade : ANUGOLA





Relief to Flood victims : KENDRAPADA

Regd. as Newspaper RNI-ORIBIL/2009/27114 Postal Regd. No.-BN/143/24-26
Date of Publication: 20.09.2026
Copies-4000

PRINTED BOOK



Relief in Flood Area

Food packet for Flood Area

Service during Ratha Yatra

If undelivered please return to

ODISHA STATE BHARAT SCOUTS & GUIDES
Plot No.-IX C/8, Unit-III, Bhubaneswar-751022
Tel : 0674-2394435, 2390439, E-mail-osbsg1937@gmail.com
Web : odishascouts.org, Facebook : Bharat Scout Odisha

To

_____

_____

_____

Printer & Publisher : Sri Mihir Ranjan Pattanaik, Jt. State Secy., on behalf of the Odisha State Bharat Scouts and Guides & Printed at Pioneer Press, Bhubaneswar, District- Khordha & Published at Plot No.-IX-C/8, Unit-3, Bhubaneswar, District-Khordha (Odisha), Editor- Sri Bhabani Prasad Mishra